# OFFICE OF THE ANGUL MUNICIPALITY, ANGUL

## ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

**Ph No. 06764-230582 email: angulmunicipality@gmail.com**

ସଂଖ୍ୟା: ୨୧୧୪ /ତା: ୨୬/୦୬/୨୦୨୩

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ଵାରା ଅନୁଗୋଳ ପୌରପାଳିକା, ଅନୁଗୋଳର **ୱାର୍ଡ ନଂ୧,୩,୪,୫,୧୪,୧୭ ଏବଂ ୨୧** ର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ନିର୍ମାଣନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦାସଂଗଠନ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ **ତା ୨୯.୦୭.୨୦୨୩ ରିଖ ଅପରାହ୍ନ ୧ ଘଟିକା** ସୁଦ୍ଧା **କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ଦ୍ଵାରା ଆବେଦନ କରିପାରିବେ।** ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ଏବଂ ଆସନ୍ତା **ତା୨୯.୦୭.୨୦୨୩ ରିଖ ଅପରାହ୍ନ ୨** ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି।ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ଆବେଦନ ପତ୍ର ଗୁଡିକ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟରେ ଉପଲବ୍ଧ ଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଅନୁଗୋଳ ଜିଲ୍ଲା ୱେବସାଇଟ **www.angul.nic.in**ରୁ ମଧ୍ୟ ଡାଉନଲୋଡ କରିପାରିବେ। ଲଫାଫା ର ଉପରେ **"ମୁକ୍ତା ଯୋଜନା ଦ୍ଵାରା ସହର ରୂପାନ୍ତରିକରଣ -୨୦୨୩-୨୪ " ଲେଖାଥିବା ଆବଶ୍ୟକ ।** ଅଧିକ ଜାଣିବା ପାଇଁ ଅନୁଗୋଳ ପୌରପାଳିକା, ଅନୁଗୋଳଙ୍କ ସହ ଯୋଗାଯୋଗ କରି ପାରନ୍ତି।

**ବିଶେଷ ଦ୍ରଷ୍ଟବ୍ୟ**

୧ -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନୁଗୋଳ ପୌରପାଳିକା ଦ୍ଵାରା କୌଣସି କାର୍ଯ୍ୟ କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

୨ - ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନୁଗୋଳ ପୌରପାଳିକାର ସ୍ଥାୟୀ ଭାବେ କରୁଥିବା କାର୍ଯ୍ୟ ଯଥା - ଆହାର,FSTP ,MCC, MRF, ଚୁଡା ଛତୁଆ ଇତ୍ୟାଦିରେ ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ ନାହିଁ ।

**<u>ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ</u>**

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ, ଯଦି ସମ୍ପୃକ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ ସରକାରୀ ନିୟମାବଳୀରେ ଯୋଗ୍ୟ ବିବେଚିତ ନ ହୁଅନ୍ତି ତେବେ ପାର୍ଶ୍ୱବର୍ତ୍ତୀ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀକୁ ବିକଳ୍ପ ଭାବରେ ନିଆଯିବ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର,ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ (ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୨.୫ ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୨୧୧୪ /ତାରିଖ : ୨୬।୪।୨୦୨୩

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୨୧୧୬ /ତାରିଖ : ୨୬।୪।୨୦୨୩

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର, ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୨୧୧୭ /ତାରିଖ : ୨୫/୩/୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଅନୁଗୋଳ ଙ୍କୁଜିଲ୍ଲା ୱେବସାଇଟରେ ଅପଲୋଡକରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୨୧୧୯ /ତାରିଖ : ୨୫/୩/୨୦୨୩

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୨୧୧୮ /ତାରିଖ : ୨୫/୩/୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୨୧୨୦ /ତାରିଖ : ୨୫/୩/୨୦୨୩

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ମୁକ୍ତା,ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ବରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ